# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**<u>ମେ ମାସ ୧୮ ରୁ ୨୦ ରେ ହେବାକୁ ଯାଉଥିବା ଅମ୍ଫାନ୍ ବାତ୍ୟା ନିମନ୍ତେ ସତର୍କତା</u>:**

ସହଜ ଅମଳ ନିମନ୍ତେ, ଅମଳ ହୋଇନଥିବା ଧାନ ଶସ୍ୟକୁ ଅମଳ କରିବା ପାଇଁ ଜମିରହିଥିବା ଜଳକୁ ନିଷ୍କାସନର ସୁବିଧା କରନ୍ତୁ । ମାଟିର ଆର୍ଦ୍ରତା ବ୍ୟବହାର କରି ଆସନ୍ତା ଖରିଫ ଋତୁ ନିମନ୍ତେ ପ୍ରାରମ୍ଭିକ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରନ୍ତୁ ।

- ଅମଳ ହୋଇନଥିବା, ବଳକା ଥିବା ଧାନ ଶସ୍ୟକୁ ଯଥାଶୀଘ୍ର ଅମଳ କରନ୍ତୁ ।
- ଅମଳ ହୋଇଥିବା ଶସ୍ୟଗୁଡିକୁ ଖରାରେ ଶୁଖାଇ ଶସ୍ୟର ଆର୍ଦ୍ରତା ୧୪ ପ୍ରତିଶତ ରଖି ସୁରକ୍ଷିତ ଭାବରେ ସଂରକ୍ଷଣ କରନ୍ତୁ ।
- ବର୍ଷାଜଳରେ ପ୍ରଭାବିତ ହୋଇଥିବା ଗଚ୍ଛିତ ଖାଦ୍ୟଶସ୍ୟକୁ ଭଣ୍ଡାରରୁ ବାହାର କରି ସୁରକ୍ଷିତ ସଂରକ୍ଷଣ ଆର୍ଦ୍ରତା (୧୪ ପ୍ରତିଶତ ଆର୍ଦ୍ରତା) ପର୍ଯ୍ୟନ୍ତ ଶୁଖାଇ ପୁଣିଥରେ ଭଣ୍ଡାରରେ ଗଚ୍ଛିତ କରନ୍ତୁ ।
- ମହଜୁଦ୍ ଥିବା ଶସ୍ୟ ଭଣ୍ଡାରରେ ପୋକ ଜନିତ ସମସ୍ୟା ଦେଖାଗଲେ, ଯଥାଶୀଘ୍ର ଆଲୁମିନିୟମ୍ ଫସ୍‌ଫାଇଡ୍ ବଟିକା ରୁଦ୍ଧ କୋଠରୀ ମଧ୍ୟରେ ପ୍ରୟୋଗ କରି ବିଶୋଧନ କରନ୍ତୁ । ପ୍ରତି ଟନ୍ ଖାଦ୍ୟଶସ୍ୟ ପିଛା ତିନିଗୋଟି ଆଲୁମିନିୟମ୍ ଫସ୍‌ଫାଇଡ୍ ବଟିକା ବ୍ୟବହାର କରିବା ଆବଶ୍ୟକ । ଔଷଧ ପ୍ରୟୋଗ ଠାରୁ ଅତିକମ୍‌ରେ ୭ ରୁ ୧୦ ଦିନ ପରେ ଖାଦ୍ୟଶସ୍ୟ ଖାଇବା ଉପଯୋଗୀ ହୋଇଥାଏ । ଆବାସିକ ସ୍ଥାନ ମାନଙ୍କରେ ଧୂଆଁଦ୍ୱାରା ବିଶୋଧନ କରାଯିବା ଅନୁଚିତ୍ ।

**୨୦୨୦ ମସିହା ମଇ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଧାନ କେଣ୍ଡାରେ ୮୦ ପ୍ରତିଶତ ଶସ୍ୟ ପାକଳ ହୋଇଥିବା ଅବସ୍ଥାରେ ଅମଳ କରି ଦିଅନ୍ତୁ ।
- ଧାନ ଅମଳ ପରେ ଭଲ ଭାବେ ଧାନକୁ ଶୁଖାଇ ଶସ୍ୟର ଆର୍ଦ୍ରତାକୁ ୧୪ ପ୍ରତିଶତ ହେବା ପରେ ସାଇତି ରଖନ୍ତୁ । ବିହନ ଉଦ୍ଦେଶ୍ୟରେ ଅମଳ ହୋଇଥିବା ଶସ୍ୟର ଆର୍ଦ୍ରତା ୧୨ ପ୍ରତିଶତ ରହିବା ଆବଶ୍ୟକ ।
- ବର୍ଷାଶ୍ରୀତ ଖାଲୁଆ ଜମିରେ ଯେଉଁଠାରେ ପରବର୍ତ୍ତୀ ସମୟରେ ଧାନ ବୁଣାବୁଣି କରିବାର ଅଛି, ଜମି ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ କରିଦିଅନ୍ତୁ ।
- ଧାନ ରୋଇବା ବିଲରେ ମଧ୍ୟ ମାଟିର ଆର୍ଦ୍ରତାକୁ ବ୍ୟବହାର କରି ଜମି ପ୍ରସ୍ତୁତି ଆରମ୍ଭ କରନ୍ତୁ ।

- ପ୍ରାକ୍ ମୌସୁମୀ ବର୍ଷାଜଳ ବ୍ୟବହାର କରି ଶୁଖା ଧାନ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରାରମ୍ଭିକ ଜମି ପ୍ରସ୍ତୁତି ଆରମ୍ଭ କରନ୍ତୁ ।

- ଜୈବିକ ଉପାୟରେ ଜମିର ଉର୍ବରତା ବୃଦ୍ଧି କରିବା ନିମନ୍ତେ ଧଣିଚା ବିହନ ବିଭିନ୍ନ କୃଷି ବ୍ଲକ୍ ଅଫିସ୍ କିମ୍ବା ଅନୁଷ୍ଠାନରୁ ବନ୍ଦୋବସ୍ତ କରନ୍ତୁ । ଜୁଲାଇ ମାସର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ରୋଇବାକୁ ଥିଲେ, ଏବେଠାରୁ ଏକର ପିଛା ୧୨ କି.ଗ୍ରା. ଧଣିଚା ବିହନ ବ୍ୟବହାର କରି ବୁଣିଦିଅନ୍ତୁ ।

- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷି ବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷି ବ୍ଲକ୍ ଅଫିସରୁ ମଧ୍ୟବର୍ତ୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ଯଥା ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା ଏବଂ ଗାୟତ୍ରୀ ଇତ୍ୟାଦି ବିହନ ବନ୍ଦୋବସ୍ତ କରନ୍ତୁ । ଗଭୀର ଖାଲୁଆ ଜମି ପାଇଁ ଉନ୍ନତମାନର ବିହନ ଯଥା ସି.ଆର.ଧାନ ୫୦୦, ସି.ଆର.ଧାନ ୫୦୨ (ଜୟନ୍ତୀ ଧାନ), ସି.ଆର.ଧାନ ୫୦୩ (ଜଳମଣି), ସି.ଆର.ଧାନ ୫୦୫ ଓ ସି.ଆର.ଧାନ ୫୦୭ (ପ୍ରଶାନ୍ତ) ଇତ୍ୟାଦି ବନ୍ଦୋବସ୍ତ କରନ୍ତୁ ।

- ସେହିପରି ଢ଼ିପଜମି ପାଇଁ ସି.ଆର.ଧାନ ୧୦୦ (ସତ୍ୟଭାମା), ସି.ଆର.ଧାନ ୧୦୧ (ଅଙ୍କିତ), ସହଭାଗୀ ଧାନ, ଫାଲଗୁନୀ ଓ ବନ୍ଦନା ଧାନ ବିହନ ଇତ୍ୟାଦି ସଂଗ୍ରହ କରନ୍ତୁ ।

- ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ରୋଇବା ପାଇଁ ଉର୍ଦ୍ଧିଷ୍ଟ ଧାନ ବିହନ ଯଥା : ସି.ଆର.ଧାନ ୩୦୭ (ମଉଡମଣି), ସି.ଆର.ଧାନ ୩୦୩, ସି.ଆର.ଧାନ ୩୦୪, ଏମ୍.ଟି.ୟୁ ୧୦୦୧, ଏମ୍.ଟି.ୟୁ ୧୦୧୦, ନବୀନ, ସି.ଆର.ଧାନ ୩୧୦, ଡି.ଆର.ଆର. ୪୪, ଉନ୍ନତ ଲଲାଟ କିସମ, ସି.ଆର. ଧାନ ୩୦୧, ସି.ଆର.ଧାନ ୮୦୦, ସି.ଆର.ଧାନ ୪୦୪, ସ୍ୱର୍ଣ୍ଣ, ପୂଜା, ସ୍ୱର୍ଣ୍ଣସବ୍ ୧ ଏବଂ ବିପିଟି ୫୨୦୪ ବିହନ ଇତ୍ୟାଦି ଭରସା ଯୋଗ୍ୟ ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ବ୍ଲକ୍ ଅଫିସରୁ ବନ୍ଦୋବସ୍ତ କରନ୍ତୁ ।

- ଉପକୂଳବର୍ତ୍ତୀ ଲବଣଯୁକ୍ତ ଜମି ନିମିତ୍ତ ଲବଣ ସହଣୀୟ ଧାନ ବିହନ ଯଥା ସି.ଆର.ଧାନ ୪୦୫ (ଲୁଣାସଂଖୀ), ସି.ଆର.ଧାନ ୪୦୩ (ଲୁଣା ସୁବର୍ଣ୍ଣା) ଏବଂ ଲୁଣିଶ୍ରୀ ବିହନର ବନ୍ଦୋବସ୍ତ କରନ୍ତୁ ।

- ଜଳସେଚିତ ମଧ୍ୟମ ଏବଂ ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ଶଙ୍କର ଜାତୀୟ ବିହନ ଚାଷ କରିବା ପାଇଁ ଇଚ୍ଛୁକ ଥିବା ଚାଷୀଭାଇମାନେ ଉନ୍ନତମାନର ଟ୍ରୁଥ୍ ଫୁଲ ଲେଭଲ ବିହନ(TL) ଯଥା ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, କେ.ଆର.ଏଚ୍-୨ ଏବଂ ପି.ଏଚ୍.ବି ୭୧ ବିହନ ବିଭିନ୍ନ ଖ୍ୟାତିସମ୍ପର୍ଣ୍ଣ ବିହନ ସଂସ୍ଥା/ଅନୁଷ୍ଠାନ ନିକଟରୁ ବନ୍ଦୋବସ୍ତ କରନ୍ତୁ ।

- ବାସ୍ନାଧାନ ଚାଷକରିବାକୁ ଆଗ୍ରହୀଥିବା ଚାଷୀଭାଇମାନେ ଉନ୍ନତ ମାନର ବିହନ କିସମ ଯଥା ଗୀତାଞ୍ଜଳି, ସି.ଆର.ସୁଗନ୍ଧ ଧାନ ୯୦୭, ସି.ଆର.ସୁଗନ୍ଧ ଧାନ ୯୦୮ ଏବଂ ସି.ଆର.ସୁଗନ୍ଧ ଧାନ ୯୧୦ ଇତ୍ୟାଦି ବିହନ ବନ୍ଦୋବସ୍ତ କରନ୍ତୁ ।

- ମହଜୁଦ୍ ଥିବା ଶସ୍ୟ ଭଣ୍ଡାରରେ ପୋକ ଜନିତ ସମସ୍ୟା ଦେଖାଗଲେ, ଯଥାଶିଘ୍ର ଆଲୁମିନିୟମ୍ ଫସ୍‌ଫାଇଡ୍ ବଟିକା ରୁଦ୍ଧ କୋଠରୀ ମଧ୍ୟରେ ପ୍ରୟୋଗ କରି ବିଶୋଧନ କରନ୍ତୁ । ପ୍ରତିଟନ୍ ଖାଦ୍ୟଶସ୍ୟ ପିଛା ତିନିଗୋଟି ଆଲୁମିନିୟମ୍ ଫସ୍‌ଫାଇଡ୍ ବଟିକା ବ୍ୟବହାର କରିବା ଆବଶ୍ୟକ । ଔଷଧ ପ୍ରୟୋଗ ଠାରୁ ଅତିକମ୍‌ରେ ୭ ରୁ ୧୦ ଦିନ ପରେ ଖାଦ୍ୟଶସ୍ୟ ଖାଇବା ଉପଯୋଗୀ ହୋଇଥାଏ । ଆବାସିକ ସ୍ଥାନ ମାନଙ୍କରେ ଧୂଆଁଦ୍ୱାରା ବିଶୋଧନ କରାଯିବା ଅନୁଚିତ୍ ।

*****